# ଭୁବନେଶ୍ୱର ମହାନଗର ନିଗମ, ଭୁବନେଶ୍ୱର

## ଲାଇସେନ୍ସ ଆଣ୍ଡ୍ ଆପିଲସ୍ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ

ତା ୧୮.୧୧.୨୦୨୨ ରିଖ

ସମୟ-ପୂର୍ବାହ୍ନ ଘ.୧୧.୦୦ ଟିକା
ସ୍ଥାନ- ନିଗମ ସଭାକକ୍ଷ "ଏକାମ୍ର"

ଉପସ୍ଥିତ ସଭ୍ୟ/ସଭ୍ୟା:-

୧. ଶ୍ରୀ ପ୍ରେମାନନ୍ଦ ଜେନା, ଚେୟାରମ୍ୟାନ୍,
୨. ଶ୍ରୀମତୀ ପୁଷ୍ପା ରାଉତ,
୩. ଶ୍ରୀମତୀ ପୂଜା ମହାରଣା,
୪. ଶ୍ରୀମତୀ ମଧୁସ୍ମିତା ପ୍ରଧାନ,
୫. ଶ୍ରୀମତୀ ସୁଜାତା ଛୋଟରାୟ,
୬.ଶ୍ରୀମତୀ ମାନସୀରାଣୀ ସୁନ୍ଦରାୟ

ଅଦ୍ୟ ତା ୧୮.୧୧.୨୦୨୨ ରିଖ ପୂର୍ବାହ୍ନ ଘ.୧୧.୦୦ ଟିକା ସମୟରେ ନିଗମ ସଭାକକ୍ଷ "ଏକାମ୍ର" ରେ ଭୁବନେଶ୍ୱର ମହାନଗର ନିଗମର ଲାଇସେନ୍ସ ଆଣ୍ଡ୍ ଆପିଲସ୍ ଷ୍ଟାଣ୍ଡିଂ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ କମିଟିର ସଭାପତି ଶ୍ରୀ ପ୍ରେମାନନ୍ଦ ଜେନା ସଭାପତିତ୍ୱ କରିଥିଲେ । ପ୍ରାରମ୍ଭରେ ସଭାପତି ଉପସ୍ଥିତ ସଭ୍ୟା ମାନଙ୍କୁ ସ୍ୱାଗତ କରିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା ।

ପ୍ରସ୍ତାବ-୧. ସଭାପତିଙ୍କ ଅନୁମତି କ୍ରମେ ନିମ୍ନଲିଖିତ ପ୍ରସ୍ତାବ ଉପରେ ଆଲୋଚନା କରାଯାଇ ନିମ୍ନମତେ ସିଦ୍ଧାନ୍ତ ଗ୍ରହଣ କରାଗଲା ।

ନିର୍ଦ୍ଧାରଣ-୧(୧). ଭୁବନେଶ୍ୱର ମହାନଗର ନିଗମାଂଚଳ ଇନ୍ଦ୍ରଧନୁ ମାର୍କେଟ୍ ନିକଟରେ ପାର୍କିଙ୍ଗ୍ ପାଇଁ ନିଲାମ ଦିଆଯାଇଅଛି । ପାର୍କିଙ୍ଗ୍ ସ୍ଥାନରେ ନିଲାମଧାରୀ, ଦୋକାନୀ ମାନଙ୍କୁ ବସାଇ ସେମାନଙ୍କ ଠାରୁ ପଇସା ଆଦାୟ କରୁଛନ୍ତି, ସେଠାକୁ ଯାଉଥିବା ଲୋକମାନେ No Parking ଅଂଚଳରେ ଗାଡ଼ି ରଖୁଛନ୍ତି । ଫଳରେ ଜନସାଧାରଣ ଅସୁବିଧାର ସମ୍ମୁଖୀନ ହେଉଥିବାର କମିଟିଙ୍କ ଦୃଷ୍ଟିକୁ ଆସିଅଛି, ତେଣୁ ଏହା ଉପରେ ତଦନ୍ତ କରି ଆବଶ୍ୟକ ପଦକ୍ଷେପ ନେବାପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୨). ଭୁବନେଶ୍ୱର ମହାନଗର ନିଗମାଂଚଳରେ ବିଭିନ୍ନ ସ୍ଥାନରେ ପାର୍କିଙ୍ଗ୍ ସ୍ଥଳ ନିଲାମ ଦିଆଯାଇଅଛି । ନିଲାମଧାରୀ ମାନେ ପାର୍କିଙ୍ଗ୍ ସ୍ଥଳ ବାହାରେ ମଧ ଗାଡ଼ି ରଖୁଛନ୍ତି ଏବଂ ନିର୍ଦ୍ଧାରିତ ଦର ଠାରୁ ଅଧିକ ପଇସା ଆଦାୟ କରୁଛନ୍ତି, ଫଳରେ ଜନସାଧାରଣ ଭୁବନେଶ୍ୱର ମହାନଗର ନିଗମକୁ ଦୋଷ ଦେଉଛନ୍ତି, ତେଣୁ ନିଲାମଧାରୀଙ୍କୁ ପାର୍କିଙ୍ଗ୍ ଏରିଆ ଚିହ୍ନଟ କରାଯାଇ ହସ୍ତାନ୍ତର କରାଯିବ, ନିଲାମଧାରୀ ପାର୍କିଙ୍ଗ୍ ସ୍ଥଳରେ ଏକ ବୋର୍ଡ଼ ଲଗାଇବେ, ସେଥିରେ ପାର୍କିଙ୍ଗ୍ ଏରିଆ ଏବଂ ଗାଡ଼ି ରଖିବାର ମୂଲ୍ୟ ଉଲ୍ଲେଖ କରିବା ପାଇଁ ନିର୍ଦ୍ଦେଶ ଦେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ସର୍ବ ଶେଷରେ ସମସ୍ତ ସଭ୍ୟ/ସଭ୍ୟା ମାନେ ବୈଠକରେ ଉପର ବର୍ଣ୍ଣିତ ଆଲୋଚନାରେ ଅଂଶଗ୍ରହଣ କରି ସୁଚିନ୍ତିତ ମତାମତ ପ୍ରଦାନ କରିଥିବାରୁ ସଭାପତି ସମସ୍ତଙ୍କୁ ଧନ୍ୟବାଦ ଦେବା ପରେ ଅପରାହ୍ନ ୧୨.୨୫ ମିନିଟ୍ ସମୟରେ ସଭା ସାଙ୍ଗ କରାଗଲା ।

ସ୍ୱା/- ପ୍ରେମାନନ୍ଦ ଜେନା
ସଭାପତି
ତା ୧୮.୧୧.୨୦୨୨ ରିଖ